## ଦଳ ବିରୋଧୀ କାର୍ଯ୍ୟ, ଛାତ୍ର ବିଜେଡି ଉପସଭାପତି ନିଲମ୍ବିତ

ରାଜନଗର,(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ବିଜୁ ଛାତ୍ର ଜନତା ଦଳର ଉପସଭାପତି ସତ୍ୟବ୍ରତ ପାଣିଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ନିଲମ୍ବିତ କରାଯାଇଛି। ଜିଲା ଛାତ୍ର ବିଜେଡି ସଭାପତି ପାଣିଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି। ରାଜନଗର ବ୍ଲକ ହାତିନା ପଞ୍ଚାୟତରେ ପାଣିଙ୍କ ଘର। ଚଳିତ ପଞ୍ଚାୟତ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ ଯୋଗୁ ତାଙ୍କୁ ରବିବାର ଦଳରୁ ନିଲମ୍ବିତ କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ସୋମବାର ପାଣି ଦଳରୁ ଇସ୍ତଫା ଦେଇଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଦଉଡ଼ି ଦେଇ ମହିଳାଙ୍କ ଆତ୍ମହତ୍ୟା

ରାଜନଗର,୨୪।୧(ଡି.ଏନ.ଏ.): ରାଜନଗର ଥାନା ଅନ୍ତର୍ଗତ ବ୍ରାହ୍ମଣସାହି ପଞ୍ଚାୟତ ଜୟପୁର ଗାଁର ସୁନୀଲ ସେଠୀଙ୍କ ସ୍ତ୍ରୀ ବିଜୁଳି ସ୍ୱାଇଁ (୩୦)ସୋମବାର ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ଆଜି ଦିନ ୧୧ଟା ବେଳେ ତାଙ୍କ ଘରେ ପିନ୍ଧା ଲୁଗାରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବାଘୁଆ ଗାଁର ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ଝିଅ ବିଜୁଳି ୩ ବର୍ଷ ତଳେ ଜୟପୁରର ତ୍ରିଲୋଚନ ସେଠୀଙ୍କ ପୁଅ ସୁନୀଲଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ୨ ବର୍ଷର ଏକ ଝିଅ ରହିଛି। ସ୍ୱାମୀ ହାଇଦ୍ରାବାଦରେ ଦାଦନ ଖଟନ୍ତି। ସେ ପରିବାରଠାରୁ ଭିନ୍ନେ ହୋଇ ଅଲଗା ରହୁଥିଲେ। ପୂର୍ବାହ୍ନ ୧୦ ଟାରେ ତାଙ୍କର ୨ ବର୍ଷର ଝିଅକୁ ତାଙ୍କ ସାଆନ୍ତମାଆ ନିକଟରେ ଛାଡି ୫ ଶହ ମିଟର ଦୂରରେ ଥିବା ତାଙ୍କ ଘରକୁ ଯାଇଥିଲେ। ଘରେ ପିନ୍ଧା ଲୁଗାରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଶାଶୁ ଚମ୍ପାବତୀ ସେଠୀ ଥାନାରେ ଜଣାଇବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### କଂଗ୍ରେସରେ ମିଶିଲେ ହାତିନା ପଞ୍ଚାୟତ ବିଜେଡି ସଭାପତି

ରାଜନଗର,୨୪।୧(ଡି.ଏନ.ଏ.): ରାଜନଗର ବ୍ଲକ ହାତିନା ପଞ୍ଚାୟତର ବିଜେଡି ସଭାପତି ବସନ୍ତ କୁମାର ପାଣି ତାଙ୍କ ସମର୍ଥକଙ୍କ ସହ ସୋମବାର କଂଗ୍ରେସରେ ଯୋଗ ଦେଇଛନ୍ତି। ପାଣିଙ୍କ ସହ ଅନାଦି ରାଉତ, ବେଣୁଧର ରାଉତ, ନାରାୟଣ ରାଉତ, ଶରତ କୁମାର ପ୍ରଧାନ, ରଙ୍ଗାଧର ପ୍ରଧାନ, ରଜତ କୁମାର ଜେନା, ନଳିନୀ ଜେନା, ଯୁଧିଷ୍ଠିର ରାଉତ, ମାନଗୋବିନ୍ଦ ରାଉତ, କୁମର ଜେନା, ଭ୍ରମର ଜେନା, ଶ୍ରୀଧର ରାଉତ, ବାବାଜି ରାଉତ ପ୍ରମୁଖ କଂଗ୍ରେସରେ ସାମିଲ ହୋଇଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ପାଣି କଂଗ୍ରେସରେ ଯୋଗଦେଇଥିବା କହିଛନ୍ତି। ପୂର୍ବତନ ବିଧାୟକ ମହାନ୍ତି ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ଭୀମସେନ ପଢ଼ିହାରୀ, ବିଚିତ୍ର ରାଉତ, ଗୋଲେଖ ରାଉତ, ଶରତ କୁମାର ପଣ୍ଡା, ଅଲେଖ ଭୂୟାଁ, ସତ୍ୟବାଦୀ ରାଉତ, ସୂର୍ଯ୍ୟମଣି ଜେନା, ବଳରାମ ରାଉତ, ରବୀନ୍ଦ୍ର ସ୍ୱାଇଁ, ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବ ଖବରଦାତାଙ୍କ ଅକାଳ ବିୟୋଗ

ରାଜକନିକା,୨୪।୧(ଡି.ଏନ.ଏ.): ରାଜକନିକା ବ୍ଲକର ଯୁବ ସାମ୍ବାଦିକ ବ୍ରଜ କିଶୋର ସିଂ(୩୬) ସୋମବାର କଟକ ବଡ ମେଡିକାଲରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ରାଜକନିକା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ପରଲୋକରେ ଆଳିର ପ୍ରାକ୍ତନ ବିଧାୟକ ଦୋଳଗୋବିନ୍ଦ ନାୟକ, ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥଶର୍ମା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ସାବିତ୍ରୀ ଦାସ, ଲକ୍ଷ୍ମୀଧର ରାଉତ, ଶିବରାମ ଦାସ, ନିରଞ୍ଜନ ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ଉପରେ ନଜର

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

- ଗତଥର ବିଜେଡି ହାତରୁ ଛଡ଼ାଇ ନେଇଥିଲା କଂଗ୍ରେସ
- ଅସନ୍ତୁଷ୍ଟ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ପ୍ରତ୍ୟାହାର ପାଇଁ ଉଦ୍ୟମ

ଜଗତ୍‌ସିଂହପୁର ଅଫିସ, ୨୪।୧

ପଞ୍ଚାୟତ ନିର୍ବାଚନ ନେଇ ପ୍ରାର୍ଥୀପତ୍ର ଯାଞ୍ଚ ପରେ ପ୍ରାର୍ଥୀ ତାଲିକା ଘୋଷଣା ସରିଛି। ୨୫ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ତା'ପରେ ପ୍ରାର୍ଥୀମାନେ ରଣାଙ୍ଗନରେ ଅବତୀର୍ଣ୍ଣ ହେବେ। ଏହି ନିର୍ବାଚନରେ ନାଉଗାଁ ପଞ୍ଚାୟତ ସମିତି କାହା ଦଖଲକୁ ଯିବ ଏବେ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗତ ପଞ୍ଚାୟତ ନିର୍ବାଚନରେ ଜିଲାର ଏହା ଏକମାତ୍ର ବ୍ଲକ, ଯେଉଁଠି ବିଜେଡି ସମର୍ଥିତ ସମିତି ସଭ୍ୟଙ୍କ ସଂଖ୍ୟା ଅଧିକ ଥାଇ ସୁଦ୍ଧା କଂଗ୍ରେସ ଦଖଲକୁ ଯାଇଥିଲା। ସେତେବେଳେ ବିଜେଡି ଉପରେ ଅସନ୍ତୁଷ୍ଟ ଭାରି ପଡ଼ିଥିଲେ। ଚଳିତ ନିର୍ବାଚନରେ ସେଭଳି ସ୍ଥିତି ନ ଉପୁଜିବା ପାଇଁ ବିଜେଡି ଜିଲା ସଭାପତି ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ବିଶେଷ ସତର୍କତା ଅବଲମ୍ବନ କରୁଥିବା ବେଳେ କୌଣସି ପରିବର୍ତ୍ତନ ଆସୁ ନ ଥିବାନେଇ ରାଜନୈତିକ ସମୀକ୍ଷକମାନେ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଆକଳନ କରୁଛନ୍ତି।

୨୦୧୭ ପଞ୍ଚାୟତ ନିର୍ବାଚନରେ ନାଉଗାଁ ବ୍ଲକର ୧୬ ପଞ୍ଚାୟତ ମଧ୍ୟରୁ ବିଜେଡି ସମର୍ଥିତ ସମିତି ସଭ୍ୟ ପ୍ରାର୍ଥୀ ୯ଟି ଜିତିଥିଲେ। ସେଗୁଡିକ ହେଲା ଅଲଣା, ଗଜରାଜପୁର, କୋରୁଆ, ଘୋଡ଼ାଂଶ, ଗଳଧାରୀ, ବଛାଲୋ, ଓସକଣା, ନାଉଗାଁ ଓ ତିରୁଣା। ସେହିପରି କଂଗ୍ରେସ ସପକ୍ଷରେ ଯାଇଥିବା ୬ଟି ଆସନ ହେଲା ନୂଆଗାଁ, ରୋହିଆ, ଡେରିକି, ବାଂଶ, ଡାବର ଓ ଶିଖର। ଭାଜପା ସପକ୍ଷରେ କେବଳ ଜାମୁଗାଁ ଆସନଟି ଯାଇଥିଲା। ନିର୍ବାଚନ ପରେ ନାଉଗାଁ ପଞ୍ଚାୟତ ସମିତି ବିଜେଡି କବ୍‌ଜାକୁ ଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଥିଲା। ଦଳୀୟ ନେତୃତ୍ୱ ବାଂଶ ପଞ୍ଚାୟତ ସମିତି ସଭ୍ୟା ଏଲିନା ଦାସଙ୍କୁ ଅଧ୍ୟକ୍ଷ କରିବାକୁ ଚିନ୍ତା କରିଥିଲେ। କିନ୍ତୁ ଅସନ୍ତୁଷ୍ଟ ବିଜେଡି ତଥା ନାଉଗାଁ ସମିତି ସଭ୍ୟ ଜଗନ୍ନାଥ ଦାଶ ଓ ଗଳଧାରୀ ସମିତି ସଭ୍ୟ ପ୍ରଭାତ ସ୍ୱାଇଁ ଦଳ ପାଇଁ କାଳ ସାଜିଥିଲେ। ସେମାନେ ବିଜେଡି ନେତୃତ୍ୱଙ୍କ ବିରୋଧରେ ଯାଇ ବିରୋଧୀ ପ୍ରାର୍ଥୀଙ୍କ ସହ ହାତ ମିଳାଇଥିଲେ। ବିଜେଡି ନେତୃତ୍ୱ ଯେତେ ବୁଝାଶୁଝା କରିଥିଲେ ସୁଦ୍ଧା କୌଣସି ଫଳ ମିଳି ନ ଥିଲା। ଶେଷରେ କଂଗ୍ରେସ ଓ ଭାଜପା ସମର୍ଥନରେ ନାଉଗାଁ ସଭ୍ୟ ଦାଶ ଅଧ୍ୟକ୍ଷ ପଦବୀ ହାତେଇ ନେଇଥିଲେ। ଏହି ଘଟଣା ଜଗତ୍‌ସିଂହପୁର ଜିଲା ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଥିବାରୁ ଏଥର ବିଜେଡି ନେତୃତ୍ୱ ଗୁରୁତର ଭାବେ ଚିନ୍ତା କରୁଛନ୍ତି। କାରଣ ଏଥର ମଧ୍ୟ ଏଲିନା ଅଧ୍ୟକ୍ଷ ଦୌଡ଼ରେ ଅଛନ୍ତି। ସେ ଘୋଡ଼ାଂଶ ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବାଦ୍ ରୋହିଆ, ଶିଖର, ନାଉଗାଁ ଓ ଘୋଡ଼ାଂଶ ସମିତି ସଭ୍ୟ ପ୍ରାର୍ଥୀ ମଧ୍ୟ ଅଧ୍ୟକ୍ଷ ପଦବୀ ପାଇଁ ଆଶାୟୀ ରହିଛନ୍ତି। ଏ ସବୁ କେବଳ ନାଉଗାଁ ବିଜେଡିରେ ୨ ଗୋଷ୍ଠୀ କାରଣରୁ ଘଟୁଛି। ୨ ଗୋଷ୍ଠୀ ସବୁ ପଞ୍ଚାୟତରେ ପ୍ରାର୍ଥୀ ଦେଇଛନ୍ତି। ସେମାନେ ପରସ୍ପର ଉପରେ ଯେଉଁଭଳି ଭାବେ ଭାରି ପଡୁଛନ୍ତି ତାହା ଦଳ ପାଇଁ ବିପଦ ସୃଷ୍ଟି କରୁଛି। ଏପରି କି ଗୋଟିଏ ଗୋଟିଏ ପଞ୍ଚାୟତରେ ଏକାଧିକ ବିଜେଡି ଅସନ୍ତୁଷ୍ଟ ପ୍ରାର୍ଥୀ ହୋଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏହାଦ୍ୱାରା ବିଜେଡି ଭୋଟ ବିଭାଜନ ହେବା ସମ୍ଭାବନା ଥିବାରୁ ଅସନ୍ତୁଷ୍ଟମାନେ ଯେପରି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବେ ସେନେଇ ବିଧାୟକ ମୁଦୁଲି ସମସ୍ତ କୌଶଳ ପ୍ରୟୋଗ କରିଚାଲିଛନ୍ତି। ସୂଚନା ଅନୁଯାୟୀ, ଜଣେ ସମିତି ସଭ୍ୟ ପ୍ରାର୍ଥୀ ୨ ଦିନ ହେବ ଘର ଛାଡ଼ି ଅନ୍ୟତ୍ର ଗୋପନ ସ୍ଥାନରେ ରହିଛନ୍ତି। ସେ ଗତଥର ସଭ୍ୟ ହୋଇଥିଲେ। ଏଥର ମଧ୍ୟ ପଞ୍ଚାୟତରେ ତାଙ୍କର ପ୍ରଭାବ ରହିଛି। ତାଙ୍କୁ ଦଳୀୟ ମହଲରୁ ଡାକରା ଆସିଥିବାରୁ କାଳେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ବାଧ କରାଯିବ ସେନେଇ ସେ ୨୫ ତାରିଖ ପର୍ଯ୍ୟନ୍ତ ଆତ୍ମଗୋପନରେ ରହିବାକୁ ନିଷ୍ପତ୍ତି ନେଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ତାଙ୍କଭଳି ଏକାଧିକ ପ୍ରାର୍ଥୀ ନାଉଗାଁ ଛାଡ଼ି ଦେଇଥିବାରୁ ଦଳୀୟ ନେତୃତ୍ୱ ଏବେ ଅଡୁଆରେ ପଡିଛନ୍ତି। ଆଗକୁ ପରିସ୍ଥିତି କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।

ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ମୁଦୁଲି କହିଛନ୍ତି, ପାଖାପାଖି ୪ ପଞ୍ଚାୟତର ଅସନ୍ତୁଷ୍ଟ ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଅଛି। ଏକାଧିକ ପଞ୍ଚାୟତରେ ଜଣେ ହିସାବରେ ଦଳୀୟ ପ୍ରାର୍ଥୀ ଅଛନ୍ତି। ଗତ ନିର୍ବାଚନ ସମୟରେ ବ୍ଲକ ଅଧ୍ୟକ୍ଷ ଦାଶ ଅସନ୍ତୁଷ୍ଟ ଥିଲେ ସୁଦ୍ଧା ବିଧାନସଭା ନିର୍ବାଚନ ବେଳେ ସେ ବିଜେଡିରେ ସାମିଲ ହୋଇଥିଲେ। ଏଣୁ ଦଳ ସେଭଳି କିଛି କ୍ଷତି କରିନାହିଁ କି କରିବାର ସମ୍ଭାବନା ମଧ୍ୟ ନାହିଁ।

## କଂଗ୍ରେସରେ ମିଶିଲେ ଅସନ୍ତୁଷ୍ଟ ବିଜେଡି କର୍ମୀ

ଜଗତ୍‌ସିଂହପୁର ଅଫିସ, ୨୪।୧

ଜଗତ୍‌ସିଂହପୁର ବ୍ଲକ ବଳରାମପୁର ଗ୍ରାମ ପଞ୍ଚାୟତର ବହୁ ସଂଖ୍ୟକ ବିଜେଡି କର୍ମୀ କଂଗ୍ରେସରେ ମିଶିଛନ୍ତି। ସୋମବାର ଦ୍ୱନ୍ଦ୍ୱସ୍ଥିତ ଗୁଣ୍ଡୁଚି ଗୋସ୍ୱାମୀଙ୍କ ପ୍ରାଙ୍ଗଣରେ ଏନେଇ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଂଗ୍ରେସ ଜିଲା ସଭାପତି ନଟବର ବାରିକ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ବିଜେଡିର କୈଳାସ ଚନ୍ଦ୍ର ସାମଲ, ଅଭୟ ମଲ୍ଲିକ, ପ୍ରକାଶ ସାମଲ, ବାବୁଲା ସାହୁ, ସୁବ୍ରତ ଦାସ, ଟିଙ୍କିନା, ପବିତ୍ର ଓ ଅନିଲ ପ୍ରମୁଖ କଂଗ୍ରେସରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ଏହି ପଞ୍ଚାୟତ ସଭାପତି ଶରତ କୁମାର ତ୍ରିପାଠୀ, ଧ୍ରୁବ ଚରଣ ପାଢୀ, ରମେଶ ସ୍ୱାଇଁ, ଅବନୀକାନ୍ତ ମହାରଣା, ବିଶ୍ୱନାଥ ସ୍ୱାଇଁ, ଦଳର ବ୍ଲକ ସମ୍ପାଦକ କୈଳାସ ଚନ୍ଦ୍ର ଦାସ, ଭଗବାନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରାର୍ଥୀ ଭାବେ ଅଞ୍ଜନ କୁମାର ସାମଲ ଓ ସମିତି ସଭ୍ୟା ପ୍ରାର୍ଥିନୀ ମଧୁସ୍ମିତା ମଲ୍ଲିକଙ୍କୁ ଦଳୀୟ ସମର୍ଥନ ଦିଆଯାଇଥିବା ଘୋଷଣା କରାଯାଇଥିଲା।

# ଗାଁକୁ ରାସ୍ତା ନାହିଁ ତ ଭୋଟ୍ ନାହିଁ

ମହାକାଳପଡ଼ା ,୨୪।୧ (ଡି.ଏନ.ଏ.)


ପେଟଛେଲା ପଞ୍ଚାୟତ ଖ୍ୱାଇଁପଡ଼ା ଗାଁରେ ରାସ୍ତା ନାହିଁ ବୋଲି ମହିଳାମାନେ ପ୍ଲା କାର୍ଡ ଧରି ଭୋଟ ବର୍ଜନ ଚେତାବନୀ ଦେଉଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳ ପେଟଛେଲା ପଞ୍ଚାୟତ ୧୪ ନଂ. ୱାର୍ଡ ଖ୍ୱାଇଁପଡ଼ା ଗାଁକୁ ସବୁଦିନିଆ ରାସ୍ତା ନାହିଁ। ଗ୍ରାମବାସୀ ବର୍ଷା ଦିନରେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ବିରୋଧରେ ସୋମବାର ପଡ଼ା ଗାଁର ମହିଳାମାନେ ଏକଜୁଟ ହୋଇ କହିଛନ୍ତି, ଗାଁକୁ ରାସ୍ତା ନାହିଁ ତ ଭୋଟ୍ ନାହିଁ। ଏଥର ଆମେ ମତଦାନକୁ ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି।

ଏହି ପଡ଼ା ଗାଁରେ ନଳିନୀ ସରକାର, ବାବୁଲାଲ ଦେବନାଥ, ମଲ୍ଲିକା ବର୍ମନ, ରବି ମଣ୍ଡଳ, ନାରାୟଣ ଦେବନାଥ ପ୍ରମୁଖ କହିଛନ୍ତି, ୪୫ରୁ ଅଧିକ ପରିବାର ଦୀର୍ଘବର୍ଷ ହେଲା ବସବାସ କରୁଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ରାସ୍ତାଟିଏ ହୋଇପାରୁନାହିଁ। ଫଳରେ ଏହି ପଡ଼ା ଗାଁର ଗର୍ଭବତୀ, ଗୁରୁତର ରୋଗୀମାନେ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଛନ୍ତି। ଡାକ୍ତରଖାନା ଯିବାକୁ ହେଲେ ଭାରର ସାହାରା ନେବାକୁ ପଡୁଛି। କିଛି ବାଟ ଗଲା ପରେ ଆମ୍ବୁଲାନ୍ସରେ ରୋଗୀଙ୍କୁ ନିଆଯାଉଛି। ଛାତ୍ରୀଛାତ୍ରମାନେ ନିକଟ ବିଦ୍ୟାଳୟକୁ ଯାଇ ପାରୁନାହାନ୍ତି। ଏହି ସମସ୍ୟାକୁ ନେଇ ଖ୍ୱାଇଁପଡ଼ା ଗାଁର ମହିଳାମାନେ ପ୍ଲା କାର୍ଡ ଧରି ଗାଁ ପରିଭ୍ରମଣ କରି ବିଭିନ୍ନ ନାରାବାଜି କରିଥିଲେ। ଆମ ଗାଁକୁ ରାସ୍ତା ନାହିଁ ତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବୁ। କୌଣସି ରାଜନେତାଙ୍କୁ ଗାଁରେ ପୂରାଇ ଦିଆଯିବ ନାହିଁ ବୋଲି ବିଭିନ୍ନ ସ୍ଲୋଗାନ ଦେଇ ଚେତାବନୀ ଦେଇଛନ୍ତି। ପଡ଼ା ଗାଁର ମହିଳାମାନେ କହିବା କଥା, ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଗାଁକୁ ସବୁଦିନିଆ ରାସ୍ତା ପାଇଁ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କୁ ବହୁ ଗୁହାରି କଲୁ। ହେଲେ ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ଆମ କଥାକୁ ଶୁଣିଲେନି କି ସମସ୍ୟାର ସମାଧାନ କଲେ ନାହିଁ। ପାଖ ଗାଁରେ ଗଳି କନ୍ଦିରେ ପକ୍କା ଓ ଟାଇଲି ରାସ୍ତା ନିର୍ମାଣ ହେଉଛି। ଆମ ପଡ଼ା ଗାଁକୁ ସେଥିରୁ ବଞ୍ଚିତ କରାଯାଇଛି। ଏ ନେଇ ସ୍ଥାନୀୟ ପ୍ରଶାସନଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅପରପକ୍ଷେ ଭୋଟ ବେଳେ ସ୍ଥାନୀୟ ଜନ ପ୍ରତିନିଧିମାନେ ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ନିର୍ବାଚନ ସରିଲେ ସବୁ କିଛି ଭୁଲି ଯାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।

## ୧୨ ନାମାଙ୍କନପତ୍ର ପ୍ରତ୍ୟାହାର

ରାଜନଗର, ୨୪।୧ (ଡି.ଏନ.ଏ.)

ରାଜନଗର ବ୍ଲକ ଅଞ୍ଚଳରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ଏବେ ଚାଲିଛି ନାମାଙ୍କନ ପ୍ରତ୍ୟାହାରର ଖେଳ। ସୋମବାର ୩୫ ୱାର୍ଡସଭ୍ୟଙ୍କ ସମେତ ୬ ସରପଞ୍ଚ ଓ ୬ ସମିତିସଭ୍ୟ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। କେରେଡାଗଡର ଉମେଶ ସାହୁ, ବାଲିସାହିପାଟଣାର କାହ୍ନୁଚରଣ ପରିଡା, ତାଳଚୁଆର କାର୍ତ୍ତିକ ଗୁଡିଆ, କୃଷ୍ଣନଗରର ମୀନକେତନ ଦାସ, କେରେଡାଗଡର ପ୍ରଫୁଲ୍ଲ କୁମାର ନାୟକ, ମହୁଲିଆର ବୈକୁଣ୍ଠ ରାଉତ ସମିତିସଭ୍ୟ ପଦରେ ନିର୍ବାଚନ ଲଢିବା ପାଇଁ ନାମାଙ୍କନ ଦାଖଲ କରିଥିଲେ। ଏମାନେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ସେହିପରି ଭିତରଗଡର ସନ୍ତୋଷ ମାଝି, କେରେଡାଗଡର ଅମର ସୂତାର, ସର୍ବେଶ୍ୱର ନାୟକ, କୃଷ୍ଣନଗରର ବିଜୟ କୁମାର ମଣ୍ଡଳ, ଚାନ୍ଦିବାଉଁଶମୂଳର ମାନସୀ ବାରିକ, କେରେଡାଗଡର ଉମେଶ ସାହୁ ସରପଞ୍ଚ ପଦରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏମାନେ ମଧ୍ୟ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ଆଜି ଗୋଟିଏ ଦିନରେ ୪୭ଜଣ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ତେଣୁ ଆଉ କେତେଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବେ, କେଉଁମାନେ ନିର୍ବାଚନ ମଇଦାନରେ ରହିବେ ତାହା ମଙ୍ଗଳବାର ଅପରାହ୍ନରେ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ଭଲିବଲ୍ ଟୁର୍ନାମେଣ୍ଟ: ବିଜୟଚନ୍ଦ୍ରପୁର ଚାମ୍ପିୟନ



ପାରାଦୀପ,୨୪।୧(ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠ ହାଣ୍ଡିଆ ଗ୍ରାମ ଖେଳପଡିଆରେ ଚାଲିଥିବା ଭଲିବଲ ଟୁର୍ନାମେଣ୍ଟ ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। ଏଥିରେ ବିଜୟଚନ୍ଦ୍ରପୁର ଟିମ୍ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ୮ ଟିମ୍ ଭାଗନେଇଥିଲେ। ଫାଇନାଲ ମ୍ୟାଚ ବିଜୟଚନ୍ଦ୍ରପୁର ଓ କାଳିଆପାଟ ଟିମ୍ ମଧ୍ୟରେ ହୋଇଥିଲା। ରେଫରି ଭାବେ ବିଶ୍ୱଜିତ୍ ପରିଡା, ସତ୍ୟଜିତ୍ ବେହେରା ଓ ତୋଫାନ ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅତିଥିଭାବେ ଭଗବାନ ପରିଡା ଓ ସୁଜଳ ସ୍ୱାଇଁ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରିଥିଲେ।

## 'ଋଣ ଆଦାୟ, ମହିଳାଗୋଷ୍ଠୀଙ୍କୁ ପ୍ରାଥମିକତା ଦିଅ'

ରଘୁନାଥପୁର, ୨୪।୧(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ବ୍ୟାଙ୍କସେବା ଯୋଗାଇଦେବା କ୍ଷେତ୍ରରେ ଓଡିଶା ଗ୍ରାମ୍ୟବ୍ୟାଙ୍କ (ଓଜିବି)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ବ୍ୟାଙ୍କ ସହ ଅଧିକରୁ ଅଧିକ ମହିଳା ଯୋଡିହୋଇ କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି ବ୍ୟାଙ୍କ ଅଧିକାରୀମାନେ ତୃଣମୂଳସ୍ତରରେ ଜନତାଙ୍କ ନିକଟତର ହୁଅନ୍ତୁ। ରଘୁନାଥପୁର ବ୍ଲକ ଜଇପୁର ଛକରେ ଓଡିଶା ଗ୍ରାମ୍ୟବ୍ୟାଙ୍କ ନୂତନ ଗୃହର ଉଦ୍‌ଘାଟନ ଅବସରରେ ଅଧ୍ୟକ୍ଷ ମୋହନ.ଏମ୍. ଏହି ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ଅନାଦେୟ ହୋଇ ରହିଥିବା ପ୍ରାୟ ଦେଢ଼ କୋଟି ଟଙ୍କା ଋଣ ଆଦାୟ ଏବଂ ମହିଳାଗୋଷ୍ଠୀଙ୍କୁ ପ୍ରାଥମିକତା ଦେବା ପାଇଁ ଶାଖା ପରିଚାଳକ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ରାଉତଙ୍କୁ ମୋହନ ନିର୍ଦ୍ଦେଶ ଦେଇଥିଲେ। ବ୍ୟାଙ୍କ କର୍ମଚାରୀ, ସହାୟକ ଓ ମିତ୍ରମାନେ ଆବଶ୍ୟକୀୟ ସେବା ଯୋଗାଇ ଦେଉଛନ୍ତି କି ନାହିଁ ସେସମ୍ପର୍କରେ ମହିଳା ଆକାଉଣ୍ଟଧାରୀଙ୍କୁ ପଚାରି ବୁଝିଥିଲେ। ବୈଠକରେ ରିଜିଓନାଲ ମ୍ୟାନେଜର ଜତୀନ୍ଦ୍ରନାଥ ଷଡ଼ଙ୍ଗୀ ଓ ଜେନେରାଲ ମ୍ୟାନେଜର ଅବଦୁଲ ହାୟତ, ଏବିଏମ୍ ଜିତେନ୍ଦ୍ର ସ୍ୱାଇଁ, ଜ୍ୟୋତିର୍ମୟୀ ବେହେରା ଓ ଆଶିଷ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କମିତ୍ର ମନୀଷା ମହାପାତ୍ର, ସୁଜାତା ଦାସ, ମମତାମୟୀ ପରିଡା, ବିସି ସୁବାସ ମହାପାତ୍ର, ଚନ୍ଦନ ସେଠୀ, ଭିତିଭଞ୍ଜନ ସ୍ୱାଇଁ, ବିଷ୍ଣୁପ୍ରିୟା ମହାପାତ୍ର ଓ ସସ୍ମିତା ମହାପାତ୍ରଙ୍କ ସମେତ ମହାସଂଘର ସଭ୍ୟାମାନେ ଉପସ୍ଥିତ ଥିଲେ।

## କନିକା ପୂଜ୍ୟପୂଜା ପରିଷଦର ସାରସ୍ୱତ ସମାରୋହ

ରାଜକନିକା ୨୪।୧ ( ଡି.ଏନ.ଏ.)

କନିକା ପୂଜ୍ୟପୂଜା ପରିଷଦର ଅଷ୍ଟମ ବାର୍ଷିକ ସାରସ୍ୱତ ସମାରୋହ ଓ ପ୍ରତିଭା ପୂଜନ ଉତ୍ସବ ରବିବାର ବାଘବୁଦା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସ୍ଥାୟୀ ସଭାପତି ଦୁର୍ଯ୍ୟୋଧନ ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କନିକା ତହସିଲଦାର ପ୍ରେମାନନ୍ଦ ବେହେରା, ସମ୍ମାନିତ ଅତଥି ଭାବେ ବାଘବୁଦା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟପକ ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ସେମାନେ କହିଥିଲେ, ଯିଏ ନିଜ ଭିତରେ ଅଜ୍ଞତାକୁ ଚିହ୍ନି ପାରେ ସେ ହେଉଛି ବିଶ୍ୱର ବଡଦାର୍ଶନିକ। ଅନୁଷ୍ଠାନର ସମ୍ପାଦକ କପିଳ ଚରଣ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଷଦର ମୁଖପତ୍ର ପ୍ରତିଧ୍ୱନିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାର ମୁଖ୍ୟ ସମ୍ପାଦକ ଶିକ୍ଷକ ନେତା କାଳି ପ୍ରସାଦ ନାୟକ ମୁଖପତ୍ରର ଅଭିମତ ରଖିଥିଲେ। ସୁରେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ମଞ୍ଜୁଳ ବିଷ୍ଣୁଚରଣ ବିଶ୍ୱାଳ, ମରଣୋତ୍ତର ଭାବେ ବରାଡିଆ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଦିଗାମ୍ବର ଦ୍ୱିବେଦୀଙ୍କ ପିତା ଓ କଣ୍ଟାପଡା ସରପଞ୍ଚ ଦିବାକର ଜେନା, ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ସୂତାରଙ୍କୁ ବିଭିନ୍ନ ଉପାଧିରେ ସମ୍ମାନିତ ସହ ମାନପତ୍ର ଦିଆଯାଇଥିଲା।


ସମାରୋହରେ ଉପସ୍ଥିତ ଅତିଥିମାନେ।

## ୨ ଧାନ ମଣ୍ଡି ଖୋଲିଲା

ତିର୍ତ୍ତୋଲ,୨୪।୧(ଡି.ଏନ୍.ଏ.)

ତିର୍ତ୍ତୋଲ ବ୍ଲକର ତୁଳଙ୍ଗ ଓ କୋଲର ସେବା ସମିତି ପରିସରରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ତୁଳଙ୍ଗରେ ସରପଞ୍ଚ ରଞ୍ଜିତା ସ୍ୱାଇଁଙ୍କ ଦ୍ୱାରା ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ଏଥିରେ ସମ୍ପାଦକ ହରମୋହନ ମଲ୍ଲିକ, ଚାଷୀ ବିଜୟ ଖଟୁଆ, କାମଦେବ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୋଲର ପଞ୍ଚାୟତ ଜଇପୁରସ୍ଥିତ କୋଲର ସମବାୟ ସମିତିରେ ମଣ୍ଡିକୁ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ତିର୍ତ୍ତୋଲ ଶାଖା ପରିଚାଳକ ଫକୀର ଚରଣ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଆରସିଏସ୍ ରଞ୍ଜିତ କୁମାର ସାହୁ, ସମ୍ପାଦକ କେଦାର ପଟ୍ଟନାୟକ, କୃଷକ ପ୍ରତିନିଧି ବିଜୟ କୁମାର ରାଉତ, ତପନ ପରିଜା, ପ୍ରଭାତ ସାହୁ, କେଳୁଚରଣ ଦଳେଇ, ରମାକାନ୍ତ ବେହେରା, ନିତ୍ୟାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ ଦଫା ଦାବିରେ ଠିକା ଶ୍ରମିକଙ୍କ ଧାରଣା


ଷ୍ଟିଲ୍ କାରଖାନା ଆଗରେ ଶ୍ରମିକମାନେ ଧାରଣା ଦେଇଛନ୍ତି।

ପାରାଦୀପ,୨୪।୧(ସ୍ୱ.ପ୍ର.)

- ମଜୁରି ବୃଦ୍ଧି ଲାଗି ଦାବି
- ଆଲୋଚନା ପାଇଁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ପାରାଦୀପର ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ଆଗରେ ସୋମବାର ୧୨ ଦଫା ଦାବିରେ ଶତାଧିକ ଠିକା ଶ୍ରମିକ ଧାରଣା ଦେଇଥିଲେ। ୧୦ ଫେବୃୟାରୀରେ ଏସମ୍ପର୍କରେ ଆଲୋଚନା ହେବ ବୋଲି କମ୍ପାନୀ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ଏ ସମ୍ପର୍କରେ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ ସମ୍ପାଦକ ସନାତନ ବେହେରା କୁହନ୍ତି, କମ୍ପାନୀରେ କାର୍ଯ୍ୟରତ ଶ୍ରମିକଙ୍କୁ ୨୦୧୬-୧୭ରୁ ବର୍ଦ୍ଧିତ ମଜୁରି ମିଳି ନାହିଁ। ଏହାବାଦ୍ ଅନ୍ୟାନ୍ୟ ଦାବି ସମ୍ପର୍କରେ ମଧ୍ୟ ଏକାଧିକବାର ୟୁନିୟନ ପକ୍ଷରୁ ଚିଠି କରାଯାଇଛି। ମାତ୍ର କମ୍ପାନୀ ପକ୍ଷରୁ କୌଣସି ପ୍ରତିକ୍ରିୟା ନ ମିଳିବାରୁ ଶ୍ରମିକମାନେ କମ୍ପାନୀ ଫାଟକ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଏ ବିଷୟରେ କମ୍ପାନୀ ମାନବ ସମ୍ବଳ ଅଧିକାରୀ ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି, ୟୁନିୟନର ଦାବି ଅବାସ୍ତବ। କମ୍ପାନୀ ସରକାରୀ ନିୟମାନୁସାରେ ସମସ୍ତ ମଜୁରି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଉଛି। ଏହାସତ୍ତ୍ୱେ ସେମାନେ ଧାରଣା ଦେଇଛନ୍ତି। ଏ ପ୍ରସଙ୍ଗରେ ଆଲୋଚନା କରାଯିବ।

# ଦଳୀୟ ପ୍ରାର୍ଥୀଙ୍କୁ ଅସନ୍ତୁଷ୍ଟ ଅଡୁଆ

- ସମାଧାନ ଉଦ୍ଦେଶ୍ୟରେ ନେତାଏ ରାତି ଅନିଦ୍ରା
- ଦଳବଦଳ ନେତାଙ୍କ ପାଇଁ ପ୍ରଭାବିତ ହେବ ଭୋଟ୍ ଗଣିତ
- ସରପଞ୍ଚ ପଦବୀ ଲାଗି ଅଧିକ ଆଶାୟୀ

କେନ୍ଦ୍ରାପଡ଼ା ଅଫିସ, ୨୪।୧

ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ଦିନ। ତେବେ ଅସନ୍ତୁଷ୍ଟ ପ୍ରାର୍ଥୀଙ୍କ ମଧ୍ୟରୁ କାହାର ଫୋନ ସୁଇଚ ଅଫ ତ ଆଉ କିଏ ଗାଁ ଛାଡି ବାହାରକୁ ପଳାଇ ଯାଇଛନ୍ତି। ସୋମବାର ରାତି ସୁଦ୍ଧା ଅସନ୍ତୁଷ୍ଟଙ୍କୁ ନିଜ ସପକ୍ଷରେ ନ ଆଣି ପାରିଲେ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ। ଏଥିପାଇଁ କେନ୍ଦ୍ରାପଡ଼ା ଦଳୀୟ ନେତାମାନେ ରାତି ଉଜାଗର ରହି ଅସନ୍ତୁଷ୍ଟ ପ୍ରାର୍ଥୀଙ୍କୁ ମନେଇବାକୁ ଚେଷ୍ଟା କରୁଛନ୍ତି। ଅସନ୍ତୁଷ୍ଟ ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରାୟ ୧୫ ପ୍ରତିଶତ ସରପଞ୍ଚ ପଦବୀ ପାଇଁ ଆଶାୟୀ ରହିଛନ୍ତି। ଏହା ଦଳ ବଦଳ ନେତା ଓ କର୍ମୀମାନଙ୍କ ପାଇଁ ଅଡୁଆ ହୋଇଛି। ଅସନ୍ତୁଷ୍ଟଙ୍କ ସମସ୍ୟା ସମାଧାନ ହୋଇ ନ ପାରିଲେ ଭୋଟ ଗଣିତ ଏପଟ ସେପଟ ସମ୍ଭାବନା ଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

ରାଜନୈତିକ ବିଶ୍ଳେଷକ ବାନାମ୍ବର ସାହୁ, ପ୍ରଶାନ୍ତ କୁମାର ନାୟକ, ରାଧାକାନ୍ତ ମହାନ୍ତି ପ୍ରମୁଖ ଦର୍ଶାଇଛନ୍ତି, ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପୂର୍ବବର୍ଷଠାରୁ ସର୍ବାଧିକ ନାମାଙ୍କନପତ୍ର ଦାଖଲ ହୋଇଛି। ଏଥିମଧ୍ୟରୁ ଜିଲାର ୨୪୯ ପଞ୍ଚାୟତ ପାଇଁ ସମିତିସଭ୍ୟ ପ୍ରାର୍ଥୀ ୯୯୪ ଥିବା ବେଳେ ସରପଞ୍ଚ ପଦବୀ ପାଇଁ ସର୍ବାଧିକ ୧୨୮୫ ଜଣ ପ୍ରାର୍ଥୀପତ୍ର ଯାଞ୍ଚ ପରେ ରହିଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୧୫ ପ୍ରତିଶତ ଦଳୀୟ ଅସନ୍ତୁଷ୍ଟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ବିଜୟ ସମ୍ଭାବନା ଅଧିକ ଥିବା ପ୍ରାର୍ଥୀ ରହିଛନ୍ତି। ଅସନ୍ତୁଷ୍ଟଙ୍କ ମଧ୍ୟରେ କଂଗ୍ରେସ ଓ ଭାଜପା ଅପେକ୍ଷା ବିଜେଡିରେ ଅଧିକ ଅଛନ୍ତି। ନାମାଙ୍କନ ପତ୍ର ଦାଖଲ ପରେ ବିଜୟ ସମ୍ଭାବନା ଥିବା ଏହି ପ୍ରାର୍ଥୀଙ୍କୁ ବିପକ୍ଷ ଦଳର ନେତାମାନେ ନିଜ ସପକ୍ଷକୁ ନେବାକୁ ଚେଷ୍ଟା ଜାରି ରଖିଛନ୍ତି। ଏଥିପାଇଁ ଦଳୀୟ ନେତାମାନେ ଅସନ୍ତୁଷ୍ଟଙ୍କୁ ନିଜ ପାଖକୁ ଫେରାଇ ଆଣି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ତେବେ ଅସନ୍ତୁଷ୍ଟ ପ୍ରାର୍ଥୀଙ୍କ ସହିତ ଯୋଗାଯୋଗ ହୋଇ ପାରୁ ନ ଥିବାରୁ ନେତାମାନେ ସମସ୍ୟାରେ ପଡିଛନ୍ତି। ଅପରପକ୍ଷରେ ନିର୍ବାଚନ ବିଜ୍ଞପ୍ତିର ବହୁ ପୂର୍ବରୁ ଦଳ ବଦଳ କେନ୍ଦ୍ରାପଡ଼ା ଜିଲାରେ ନିତିଦିନିଆ ହୋଇଥିଲା। ଦଳ ବଦଳ କରିଥିବା ବହୁଚର୍ଚ୍ଚିତ ନେତାଙ୍କୁ ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ପକ୍ଷରୁ ଟିକେଟ ସହ ସମର୍ଥନ ଯୋଗାଇ ଦିଆଯାଇଛି। ତେବେ ଦଳବଦଳକାରୀ ନେତାଙ୍କୁ ନିର୍ବାଚନରେ ପ୍ରାର୍ଥୀ ଭାବେ ଦେଖିବାରୁ ଦଳୀୟ ପୂର୍ବ ନେତା ଓ କର୍ମୀମାନେ ଏବେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି ସ୍ଥିତି ରହିଲେ ନିର୍ବାଚନୀ ଗଣିତ ସବୁ ଓଲଟପାଲଟ ହେବାର ସମ୍ଭାବନା ଅଧିକ ବୋଲି ବିଶ୍ଳେଷକମାନେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିନ୍ଦୁସାଗର ଦାସ ଓ ଜିଲା କଂଗ୍ରେସ ଯୁବ ସଭାପତି ସତ୍ୟପ୍ରିୟ ସାମଲ ପ୍ରମୁଖ କହିଛନ୍ତି, ଚଳିତ ନିର୍ବାଚନର ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କ ପ୍ରତି କର୍ମୀଙ୍କ ଆସ୍ଥା ରହିଛି। ୨ରୁ ୩ଟି ପଞ୍ଚାୟତରେ ଅସନ୍ତୁଷ୍ଟ ସମସ୍ୟା ରହିଛି। ତେବେ ଏହାକୁ ଛାଡି ଦେଲେ ସବୁଠାରେ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କ ଜିତିବା ଆଶା ଉଜ୍ଜ୍ୱଳ ଅଛି।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

ପଟ୍ଟାମୁଣ୍ଡାଇ,୨୪।୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ବନ୍ଦେ ମାତରଂ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଏକ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି କଳାକର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପଥୁରିଆଡିଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦର୍ଶନ ପତି ଉଦ୍‌ଘାଟନ କରିଥିଲେ। ଶିକ୍ଷକ ନେତା ଅରୂପାନନ୍ଦ ବିଶ୍ୱାଳ ବେଦ ପାଠ କରିଥିଲେ। କର୍ମଶାଳାରେ ଯୋଗଦେଇଥିବା ଶିକ୍ଷୟତ୍ରୀଶିକ୍ଷକମାନେ କମ ମୂଲ୍ୟରେ ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଇଂରାଜି, ଗଣିତ, ବିଜ୍ଞାନ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବୃଦ୍ଧି ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। କର୍ମଶାଳାରେ ଅଣ୍ଡରା, ପେଣ୍ଠପାଳ ଓ ସିଂହଗାଁ ପଞ୍ଚାୟତର ୧୨ଟି ସ୍କୁଲର ଶିକ୍ଷୟତ୍ରୀଶିକ୍ଷକ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୫ କିଗ୍ରା ବ୍ରାଉନ୍‌ସୁଗାର, ୬ ବନ୍ଧୁକ, ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

**ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ**



**ନୟାଗଡ଼ ଅଫିସ,୨୪ା୧:** ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ଉଦୟପଥ ଲେନ୍‌ର ଅକ୍ଷୟ ଓ ଆଶା ନିବାସ ଉପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପକ୍ଷରୁ ସୋମବାର ରାତି ସାଢ଼େ ୧୧ଟାରେ ଚଢ଼ାଉ ଜାରି ରହିଛି। ସେଠାରୁ ଏସ୍‌ଟିଏଫ୍ ଟିମ୍ ୫ କିଗ୍ରା ବ୍ରାଉନ୍‌ସୁଗାର, ୬ଟି ବନ୍ଧୁକ ଓ ୨୦ ଲକ୍ଷ ଟଙ୍କା ଜବତ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଉକ୍ତ ନିବାସରେ ଭଡାରେ ରହୁଥିବା ଜଣେ ବ୍ୟକ୍ତି ବ୍ରାଉନସୁଗାର ବ୍ୟବସାୟ କରୁଥିଲେ। ଚଢ଼ାଉ ସମୟରେ ଭଡାରେ ଥିବା ବ୍ୟବସାୟୀ ଜଣକ ଘରୁ ଡେଇଁ ଫେରାର ହୋଇ ଯାଇଛନ୍ତି। ଟିମ୍ ପକ୍ଷରୁ ପରିବାର ଲୋକଙ୍କୁ ଜେରା ଚାଲିଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଏସ୍‌ଟିଏଫ୍ ଏ ନେଇ କୌଣସି ସୂଚନା ଦେଇନାହିଁ। ଚଢ଼ାଉ ସ୍ଥଳରେ ନୟାଗଡ଼ ତହସିଲଦାର ପଦ୍ମଚରଣ ସାହୁ ଉପସ୍ଥିତ ରହିଛନ୍ତି। ମଙ୍ଗଳବାର ଏସ୍‌ଟିଏଫ୍‌ର ସୂଚନା ପରେ ପ୍ରକୃତ ତଥ୍ୟ ଜଣାପଡିବ।

### ୧୯୩ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ,୨୪ା୧:** ନୟାଗଡ଼ ଜିଲାରେ ସୋମବାର ୧୯୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଭାପୁର ବ୍ଲକର ୧୦, ଦଶପଲ୍ଲାରୁ ୨୯, ଗଣିଆରୁ ୧, ଖଣ୍ଡପଡାରୁ ୩୨, ନୟାଗଡ଼ରୁ ୩୫, ନୂଆଗାଁରୁ ୨୩, ଓଡ଼ଗାଁରୁ ୨୫, ରଣପୁର ବ୍ଲକରୁ ୧୫, ନୟାଗଡ଼ ମ୍ୟୁନିସିପାଲିଟିର ୨୨ ରହିଛନ୍ତି। ଏମାନଙ୍କୁ ମିଶାଇଲେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୩୨୨ରେ ପହଞ୍ଚିଛି।

### ଶ୍ରୀରାମ ଚରିତ ମାନସ ପାରାୟଣ

**ଖଣ୍ଡପଡ଼ା,୨୪ା୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ମୁକ୍ତିତୀର୍ଥ ତୋଟା ହନୁମାନଙ୍କ ପୀଠ ପରିସରରେ ସୋମବାରଠାରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏ ଅବସରରେ ଏକ କଳସ ଶୋଭାଯାତ୍ରା ଖଳିସାହି ଗ୍ରାମ ପରିକ୍ରମା କରିଥିଲା। ୩ଶହରୁ ଊର୍ଦ୍ଧ୍ୱ ମହିଳା କଳସୀରେ ପାଣି ନେଇ ଯଜ୍ଞବେଦୀ ନିକଟରେ ପହଞ୍ଚି ଥିଲେ। ଦେବାଦେବୀଙ୍କୁ କର୍ତ୍ତା ସୁଦର୍ଶନ ସାହୁ ପୂଜାର୍ଚ୍ଚନା କରିବା ପରେ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ବ୍ରାହ୍ମଣ ସମାଜ ପକ୍ଷରୁ ଅଧିବାସ, ଅଙ୍କୁରାରୋପଣ ଓ ସୂର୍ଯ୍ୟପୂଜା ଆଦି ସମ୍ପନ୍ନ କରାଯାଇଥିଲା। କର୍ମାଚାର୍ଯ୍ୟ ଗୋବର୍ଦ୍ଧନ ଷଡ଼ଙ୍ଗୀ, ବ୍ୟାସ ସନ୍ନ୍ୟାସୀ ଦୟାରାମଜୀ ମହାରାଜ ଦାୟିତ୍ୱ ତୁଲାଇଥିଲେ। ୯ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

### ଯୁବକଙ୍କ ମୃତଦେହ ଜବତ

**ପାରଳାଖେମୁଣ୍ଡି,୨୪ା୧(ଡି.ଏନ୍.ଏ.):** ମହେନ୍ଦ୍ରତନୟା ନଦୀରେ ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ସୋମବାର ପୋଲିସ ଜବତ କରିଛି। ଗୋଷାଣୀ ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଥାନା ଅଧୀନରେ ଥିବା ବାଘଶାଳା ନିକଟରେ ମହେନ୍ଦ୍ରତନୟା ନଦୀରେ ରବିବାର ବୁଡ଼ିଯାଇ ତେଜେଶ୍ୱର ରାଓ ନିଖୋଜ ହୋଇଯାଇଥିଲେ।

# ମଣ୍ଡି ଉଦ୍‌ଘାଟନ ହେଉଛି, ଧାନ କିଣାଯାଉନି

- ଅଭାବୀ ବିକ୍ରିକୁ ପ୍ରୋତ୍ସାହନ ଦେଉଛି ପ୍ରଶାସନ
- ମାର୍ଚ୍ଚ ୩୧ ସୁଦ୍ଧା ସରିବ ଅବଧି

**ନୟାଗଡ଼ ଅଫିସ,୨୪ା୧**



ଶରଣକୁଳରେ ଚାଷୀମାନଙ୍କ ପକ୍ଷରୁ ବିକ୍ଷୋଭ କରାଯାଉଛି।

ନୟାଗଡ଼ ଜିଲାରେ ମଣ୍ଡି ଉଦ୍‌ଘାଟନ ଚାଲିଥିବା ବେଳେ ଚାଷୀଙ୍କଠାରୁ ଧାନ କିଣାଯାଉନି ବୋଲି ଅଭିଯୋଗ ହେଉଛି। ଚାଷୀ ଧାନ ବିକ୍ରି କରିବାକୁ ଅପେକ୍ଷା କରି କରି ଶେଷରେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଗାଁ ଗଣ୍ଡାରେ ବ୍ୟବସାୟୀ ପହଞ୍ଚି ଧାନ କୁଇଣ୍ଟାଲ ପିଛା ୧ ହଜାରରୁ ୧୨ ଶହ ଟଙ୍କାରେ କିଣି ନେଉଛନ୍ତି। ଅଭାବୀ ଧାନ ବିକ୍ରିକୁ ରୋକିବାକୁ ପ୍ରଶାସନର ଲଗାମ ନାହିଁ। ଅନ୍ୟପକ୍ଷେ ଜିଲାସ୍ତରୀୟ ଧାନକିଣାର ଶୁଭାରମ୍ଭ ଜାନୁୟାରୀ ୭ରୁ ହୋଇଥିବାବେଳେ ଏଯାବତ୍ ଜିଲାର ୧୬୭ ସ୍ଥାନରେ ଧାନମଣ୍ଡି ଖୋଲିପାରିନାହିଁ। ଜାନୁୟାରୀ ୭ରୁ ୨୪ତାରିଖ ମଧ୍ୟରେ ଧାନକିଣାକୁ ଅନୁଧ୍ୟାନ କଲେ ଏହା ପ୍ରହସନ ପାଲଟିଥିବା ଚର୍ଚ୍ଚା ହେଉଛି। ୨୦୨୦-୨୧ ଆର୍ଥିକ ବର୍ଷର ଧାନକିଣା ଯଦି ଏଭଳି ମନ୍ଥର ଗତିରେ ଚାଲୁ ରହେ ତେବେ ମାର୍ଚ୍ଚ ୩୧ ସୁଦ୍ଧା ଚାଷୀ ଧାନ ବିକ୍ରି କରିପାରିବେ ନାହିଁ।

ପ୍ରାପ୍ତ ସୂଚନା ଅନୁସାରେ, ଗତ ୧୯ ତାରିଖରେ ଶରଣକୁଳ ପ୍ରାଥମିକ କୃଷି ସମବାୟ ସମିତିରେ ଧାନକିଣାର ଶୁଭାରମ୍ଭ ହୋଇଥିଲା। ତେବେ ଏଯାବତ୍ ଧାନ କିଣା ହୋଇନି। ସେହିଭଳି ଗୋଡିପଡ଼ାରେ ଗତ ଶନିବାର ଧାନକିଣାର ଶୁଭାରମ୍ଭ ହୋଇଥିବା ବେଳେ ଏଯାବତ୍ ସେଠାରେ ଆରମ୍ଭ ହୋଇନି। ଜିଲାରେ ୧୫୩ ଗୋଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ୧୪ଟି ସଂଲଗ୍ନ ମଣ୍ଡି ଏପରି ମୋଟ୍‌ରେ ୧୬୭ଟି ମଣ୍ଡିରେ ଧାନକିଣା ଆରମ୍ଭ ହୋଇଯିବା କଥା। ହେଲେ ଏଯାବତ୍ ୧୦୦ଟି ମଣ୍ଡି ଉଦ୍‌ଘାଟନ ହୋଇଥିବା କୁହାଯାଉଛି। ଏଥିରୁ ହାତଗଣତି ମଣ୍ଡିକୁ ଛାଡିଦେଲେ ଅନ୍ୟ କେଉଁଥିରେ ଧାନ କିଣା ହୋଇନାହିଁ। ଯେଉଁ କେତୋଟି ମଣ୍ଡିରେ ଧାନ କିଣା ଚାଲିଛି ସେଠାରୁ ଚାଷୀ ଫେରି ଆସୁଥିବା ଅଭିଯୋଗ ରହିଛି। ଧାନର ମାନ ଠିକ୍ ନାହିଁ ଦର୍ଶାଇ ମିଲର ଚାଷୀଙ୍କ ଧାନକୁ ଫେରାଇ ଦେଉଛନ୍ତି। ଚାଷୀ ମଣ୍ଡିକୁ ଧାନ ଆଣିବା ଓ ପୁଣି ଘରକୁ ନେବାରୁ ଅସନ୍ତୋଷ ପ୍ରକାଶ କରିବା ସହ ଖର୍ଚ୍ଚାନ୍ତ ହେଉଛନ୍ତି। ବାଧ୍ୟହୋଇ ଶେଷରେ ବ୍ୟବସାୟୀଙ୍କୁ କମ୍ ମୂଲ୍ୟ ବିକୁଛି ବୋଲି ଅଭିଯୋଗ ଉଠିଛି। ଏ ନେଇ କୃଷକ ନେତା ଗୋଲକ ବିହାରୀ ମୁଦୁଲି କୁହନ୍ତି, ଚାଷୀଙ୍କ ସମସ୍ୟାକୁ ପ୍ରଶାସନ ଓ ସରକାର ଉପଲବ୍ଧି କରିପାରୁନାହାନ୍ତି। ମଣ୍ଡି ଖୋଲିଛି ଅଥଚ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରୁନି। ଚଳିତ ବର୍ଷ ଧାନକିଣାରେ ସ୍ୱଚ୍ଛତା ନ ଥିବାବେଳେ ଜାଣିଶୁଣି ଧାନକିଣାକୁ ବିଳମ୍ବ କରାଯାଉଥିବା ଅନୁଭବ ହେଉଛି। ଚାଷୀର ଧାନ କିଣିବାକୁ ସରକାରଙ୍କର ଆନ୍ତରିକତା ନ ଥିବା ମନେହେଉଛି।

ନୟାଗଡ଼ ଏଆରସିଏସ୍ ବିରଜାନନ୍ଦ ଦାଶ କୁହନ୍ତି, ଜିଲାରେ ୧୬୭ଟି ମଣ୍ଡି ମଧ୍ୟରୁ ୧୦୦ଟିରେ ଧାନ କିଣିବାକୁ ଉଦ୍‌ଘାଟନ ହୋଇଛି। ଏପରି କି ୧୭ ହଜାର କୁଇଣ୍ଟାଲ ଧାନ କିଣା ହୋଇ ସାରିଲାଣି। ମଣ୍ଡିଗୁଡିକ ତୁରନ୍ତ ଚାଲୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭାବୀ ଧାନ ବିକ୍ରି ରୋକିବାକୁ ପଦକ୍ଷେପ ନିଆଯାଉଛି। ଶରଣକୁଳରେ ଚାଲିଥିବା କୃଷକ ଆନ୍ଦୋଳନକୁ ସେ ଯାଇ ବୁଝାଶୁଝା କରି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

## ଶରଣକୁଳରେ ଚାଷୀଙ୍କ ବିକ୍ଷୋଭ

ଓଡ଼ିଶା କୃଷକ ସଭା ଶରଣକୁଳ କମିଟି ପକ୍ଷରୁ ଶରଣକୁଳ ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ସୋମବାର ଚାଷୀମାନେ ବିକ୍ଷୋଭ କରିଥିଲେ। ଶରଣକୁଳ ଅଞ୍ଚଳରେ ଉଦ୍‌ଘାଟନ ହୋଇଥିବା ମଣ୍ଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇ ଧାନ କିଣିବା, ଧାନର ଅଭାବୀ ବିକ୍ରି ରୋକିବାକୁ ଦାବି ରହିଛି। ସେହିଭଳି ଭାଗଚାଷୀ ପାଇଁ ଧାନ ବିକ୍ରିର ସୁବ୍ୟବସ୍ଥା, କୃଷିରଣ ଛାଡ଼ କରିବା ପରି ଅନୁରୂପ ଦାବି ରହିଛି। ଦାବି ପୂରଣ ପାଇଁ ଓଡ଼ିଶା କୃଷକ ସଭା ପକ୍ଷରୁ ସୋମବାର ମଧ୍ୟାହ୍ନ ୧୨ଟାରୁ ବିକ୍ଷୋଭ ଆରମ୍ଭ ହୋଇଥିଲା। ଖବର ପାଇ ନୟାଗଡ଼ ଏଆରସିଏସ୍ ଦାଶ ସେଠାରେ ପହଞ୍ଚି ଆନ୍ଦୋଳନରତ ଚାଷୀ ଓ ନେତାଙ୍କୁ ଭେଟିଥିଲେ। ଚାଷୀଙ୍କ ହିତ ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ କୃଷିରଣ ଛାଡ଼ ଦାବିକୁ ଛାଡ଼ି ଅନ୍ୟ ଦାବି ପୂରଣ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ଅପରାହ୍ନ ୩ଟାରେ ବିକ୍ଷୋଭ ଓ ଆନ୍ଦୋଳନ ହଟିଥିଲା। ଶରଣକୁଳ ପଞ୍ଚାୟତ କୃଷକ ସଭା ସଭାପତି ରମେଶ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ଗୋଲଖି ବିହାରୀ ମୁଦୁଲି, ଓଡ଼ଗାଁ ବ୍ଲକ ସମ୍ପାଦକ ପବିତ୍ର ଇନ୍ଦ୍ରଜିତ୍, କମିଟି ସଭ୍ୟ ନିରଞ୍ଜନ ସାହୁ, ରବୀନ୍ଦ୍ର ମହାପାତ୍ର, ମହିଳା ଚାଷୀ ଜ୍ୟୋତିପ୍ରଭା ଜେନା, ଯୁବ ଫେଡେରେଶନର ସରୋଜ ନାୟକ ଓ ଶରଣକୁଳ ପଞ୍ଚାୟତ ସମ୍ପାଦକ ପ୍ରଭାତ ବେହେରା ଯୋଗଦେଇ କୃଷକମାରଣ ନୀତିର ସମାଲୋଚନା କରିଥିଲେ। ଚାଷୀ କିପରି ତୁରନ୍ତ ଧାନ ବିକ୍ରି କରିପାରିବେ ସେନେଇ ବ୍ୟବସ୍ଥା କରିବା ଲାଗି ଚାପ ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲା।

## ବଧୂହତ୍ୟା ଘଟଣା: ସ୍ୱାମୀ ସମେତ ୩ ଜେଲ ଗଲେ



**ନୟାଗଡ଼ ଅଫିସ,୨୪ା୧**

ନୟାଗଡ଼ ସଦର ଥାନା କଇଥଗାଡ଼ିଆ ଗାଁର ପ୍ରଭାସିନୀ ବେହେରାଙ୍କ ହତ୍ୟା ଘଟଣାରେ ପୋଲିସ ସ୍ୱାମୀ ବଂଶୀଧର ବେହେରା (୨୮), ଶ୍ୱଶୁର କୃପାସିନ୍ଧୁ (୫୫) ଓ ଶାଶୁ ଶାନ୍ତିଲତା (୪୫)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ୩ ଅଭିଯୁକ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗତ ୧୨ ତାରିଖରେ କଇଥଗାଡିଆ ଗାଁର ବଂଶୀଧରଙ୍କ ସ୍ତ୍ରୀ ପ୍ରଭାସିନୀଙ୍କୁ ହତ୍ୟା କରାଯାଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ନଂ.୯/୨୨ରେ ମାମଲା ରୁଜୁକରି ତଦନ୍ତ କରୁଥିଲା।

## ଦୁଇ ପୌର ନିର୍ବାହୀ ଅଧିକାରୀଙ୍କ ଅଦଳବଦଳ

**ନୟାଗଡ଼ ଅଫିସ/ଓଡଗାଁ, ୨୪ା୧(ସ୍ୱ.ପ୍ର.)**

ନୟାଗଡ଼ ଜିଲାରେ ଦୁଇ ପୌର ନିର୍ବାହୀ ଅଧିକାରୀଙ୍କ ଅଦଳବଦଳ ହୋଇଛି। ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ବଦଳି ଓଡ଼ଗାଁ ଏନ୍ଏସିକୁ ହୋଇଛି। ସେହିଭଳି ଓଡ଼ଗାଁ ଏନ୍ଏସି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ରଙ୍କୁ ନୟାଗଡ଼ ମ୍ୟୁନିସିପାଲିଟିକୁ ବଦଳି ହୋଇଛି। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏଭଳି ଅଦଳବଦଳ କରାଯାଇଛି।

## ଆଦର୍ଶ ଆଚରଣବିଧିକୁ ମାନୁନାହାନ୍ତି ଅଧିକାରୀ

**ନୂଆଗାଁ,୨୪ା୧ (ଡି.ଏନ.ଏ.)**

**ସରକାରୀ ଅଫିସ ଆଗରେ ଲାଗିଛି ବ୍ୟାନର, ପୋଷ୍ଟର**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପ୍ରଶାସନ ନିର୍ବାଚନ ଆଦର୍ଶ ଆଚରଣବିଧି ଆଇନ ମାନୁନାହାନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ଦଳୀୟ ପୋଷ୍ଟର, ବ୍ୟାନର ରହିଥିଲେ ମଧ୍ୟ ସରକାରୀ ବାବୁମାନେ ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ନିର୍ବାଚନ ଆଇନ ଅନୁସାରେ ଆଦର୍ଶ ଆଚରଣବିଧି ଲାଗୁହେବା ପରେ କୌଣସି ସ୍ଥାନରେ ଦଳୀୟ ପୋଷ୍ଟର, ବ୍ୟାନର ରହିବ ନାହିଁ। ଏପରି କି କୌଣସି ସରକାରୀ ଅଫିସ ଆଗରେ କିମ୍ବା ପାଚେରିରେ କୌଣସି ଦଳ ବ୍ୟାନର ଲଗାଇ ପାରିବେ ନାହିଁ। କିନ୍ତୁ ନୂଆଗାଁ ବ୍ଲକର ଗୁମୀ, କାପ୍ତାପଲ୍ଲୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏମ୍‌ପି, ବିଧାୟକ, ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହ ଦଳୀୟ ଚିହ୍ନ ଥାଇ ନୂତନବର୍ଷର ଅଭିନନ୍ଦନ ବ୍ୟାନର ଲାଗିଛି। ତାହା ପୁଣି କାପ୍ତାପଲ୍ଲୀ ଫରେଷ୍ଟ କାର୍ଯ୍ୟାଳୟକୁ ଲାଗି। ସେହିପରି କାପ୍ତାପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ଓ ଗୁମୀ ସ୍କୁଲ ଆଗରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ବ୍ୟାନର ଲାଗିବା ସହ ଛକରେ ଲାଗିଛି ମାଳ ମାଳ ବ୍ୟାନର। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବା ବାବଦରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ଶୀଘ୍ର ବ୍ୟାନର ବାହାର କରିବା ପାଇଁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

## କିଶୋରୀ ବାଳିକାଙ୍କ ହେବ ପଞ୍ଜୀକରଣ

**ନୟାଗଡ଼ ଅଫିସ,୨୪ା୧**

**ଜାତୀୟ ଶିଶୁ କନ୍ୟା ଦିବସ**

ନୟାଗଡ଼ରେ ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ ସୋମବାର ପାଳନ କରାଯାଇଛି। ଭର୍ଚୁଆଲ ମୋଡରେ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ, ବିଡିଓ, ତହସିଲଦାର, ସିଡିପିଓ, ବାଲ୍ୟ ବିବାହ ନିରୋଧ ଅଧିକାରୀ, ସୁପରଭାଇଜର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜିଲାପାଳ ଟୁଡୁ ନୟାଗଡ଼ ଜିଲାର କିଶୋରୀ ବାଳିକାଙ୍କର ପଞ୍ଜୀକରଣ ନିମନ୍ତେ ରେଜିଷ୍ଟାର ଅଲିଭା ଉନ୍ମୋଚନ କରିଛନ୍ତି। ଉଦ୍‌ଘାଟନ ପରେ ଜିଲାପାଳ ଟୁଡୁ କହିଛନ୍ତି, ରେଜିଷ୍ଟାର ଅଲିଭା ବାଲ୍ୟ ବିବାହ ପ୍ରତିରୋଧ କରିବାରେ ସହାୟକ ହେବା ସହ ପୁଷ୍ଟି ନିରାକରଣରେ ଉପଯୋଗୀ ହେବ। ଜିଲାରେ ପଞ୍ଜୀକୃତ ହୋଇଥିବା ୪୫ହଜାର ୧୦ରୁ ୧୯ ବର୍ଷର କିଶୋରୀ ବାଳିକାଙ୍କର ପଞ୍ଜୀକରଣ ୨ ମାସ ଭିତରେ ଶେଷ କରିବାକୁ ସିଡିପିଓ ଓ ସୁପରଭାଇଜରମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ଉପେନ୍ଦ୍ର ନାଥ ବଡଜେନା ସ୍ୱାଗତ ଭାଷଣ ଓ ଆନୁଷ୍ଠାନିକ ଜନ ଅଧିକାରୀ ସତ୍ୟରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ସେହିପରି ଭର୍ଚୁଆଲ ମୋଡରେ ଜିଲାପାଳ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁରୂପ ଭାବେ ଶିଶୁ କନ୍ୟା ଦିବସ ପାଳନ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ସୁବାସ ନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା)ଶରତ ଚନ୍ଦ୍ର ଦାଶ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପ ନିଳିମା ଲାକ୍ରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିରୂପଣ)ନୌସଦ ଅଲ୍ଲୀ ଖାଁ, ଏଡିପିଏଚ ସିଓ ସ୍ମୃତିଲତା ବିଶ୍ୱାଳ, ଦୀପକ ଦଳବେହେରା ପ୍ରମୁଖ ଭାଗ ନେଇଥିଲେ।



ଜିଲାପାଳ ପୋମା ଟୁଡୁଙ୍କ ଅନୁଷ୍ଠିତ ଜାତୀୟ ଶିଶୁ କନ୍ୟା ଦିବସ

## କନ୍ୟା ମହୋତ୍ସବରେ ଉଠିଲା ବାଲ୍ୟବିବାହ ପ୍ରସଙ୍ଗ




**ନୟାଗଡ଼ ଅଫିସ,୨୪ା୧**

**ପ୍ରସଙ୍ଗ ଉଠାଇଲେ ଓଡ଼ିଆ ଝିଅ**

ଜାତୀୟସ୍ତରରେ ୟୁନିସେଫ୍ ଦ୍ୱାରା କନ୍ୟା ଦିବସ ମହୋତ୍ସବ ସୋମବାର ଭର୍ଚୁଆଲ ମୋଡ୍‌ରେ ପାଳନ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ଯୋଗଦେଇ ଆଜାଦିକା ଅମୃତ ମହୋତ୍ସବ ଏବଂ ଜାତୀୟ ଶିଶୁ କନ୍ୟା ଦିବସ ଉପଲକ୍ଷେ କନ୍ୟାସନ୍ତାନମାନଙ୍କୁ ଶୁଭେଚ୍ଛା, ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର କନ୍ୟା ସନ୍ତାନମାନେ ଯୋଗଦେଇ ନିଜ ରାଜ୍ୟରେ ଶିଶୁକନ୍ୟାଙ୍କ ଅସୁବିଧା ଉପରେ ମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ନୟାଗଡ଼ ଜିଲାର ଅଲକା ପଣ୍ଡା କେନ୍ଦ୍ରମନ୍ତ୍ରୀଙ୍କୁ ରାଜ୍ୟ ତଥା ନୟାଗଡ଼ ଜିଲାର ବାଲ୍ୟବିବାହ ଉପରେ କହିଥିଲେ। ବାଲ୍ୟବିବାହ ଦ୍ୱାରା କିପରି ଶିଶୁକନ୍ୟା ନିର୍ଯାତିତା ହୋଇଥାଏ ସେନେଇ ମତ ରଖିଥିଲେ। ଏହାକୁ ରୋକିବା ଦିଗରେ ବିଭିନ୍ନ ଅନୁଷ୍ଠାନ କାର୍ଯ୍ୟ କରୁଥିଲେ ହେଁ ବାଲ୍ୟବିବାହରୁ ଉଦ୍ଧାର ହେଉଥିବା କନ୍ୟାମାନେ ଅବହେଳିତ ହୋଇ ରହୁଛନ୍ତି। ବାଲ୍ୟବିବାହ କାରଣରୁ ଅଧାରୁ ପାଠ ଛାଡୁଥିବା କନ୍ୟାମାନଙ୍କ ପାଇଁ ଧନ୍ଦାମୂଳକ ପ୍ରଶିକ୍ଷଣ ଅଥବା ମାଗଣା ଶିକ୍ଷା ଯୋଗାଇଦେବାକୁ ପଣ୍ଡା କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ କରିଥିଲେ।

## ବାରହା ଫାଶରେ ପଡ଼ି ଜଣଙ୍କ ମୃତ୍ୟୁ

**ଗଞ୍ଜାମ,୨୪ା୧(ଡି.ଏନ.ଏ.)**

ରମ୍ଭା ଥାନା ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମରେ ବାରହା ଫାଶରେ ପଡି ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଗଣେଶ ବିଶ୍ୱାଳ (୪୦)। ରବିବାର ସନ୍ଧ୍ୟାରେ ନିକଟସ୍ଥ ଜଙ୍ଗଲରେ ବାରହା ମାରିବା ପାଇଁ ଫାଶ ପଡିଥିଲା। ରାତ୍ରରେ ମଦ୍ୟପାନ କରି ବାରହା ପଡିଛି କି ନାହିଁ ଦେଖିବା ପାଇଁ ଗଣେଶ ଯାଇଥିବା ବେଳେ ଅଜାଣତରେ ବାର୍‌ହା ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ନିଜେ ଫସିଯାଇ ଜୀବନ ଚାଲିଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଉକ୍ତ ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏନେଇ ବିଦ୍ୟୁତ ବିଭାଗ ପକ୍ଷରୁ ରମ୍ଭା ଥାନାରେ ଏତଲା ହୋଇଥିଲା। ପୋଲିସ ପକ୍ଷରୁ ନଂ. ୩୮/୨୨ରେ ମାମଲା ରୁଜୁ ହୋଇଛି।

## ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ ଅପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ

**ପୋଲସରା,୨୪ା୧(ଡି.ଏନ.ଏ.)**

ପୋଲସରା ବ୍ଲକ ଘୋଡାପଲାଣ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି। ସୋମବାର ହାଡିଓଟ ସ୍ଥିତ ଜରାଶ୍ରମଠାରେ ଘୋଡାପଲାଣ ପଞ୍ଚାୟତର ଅପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ ପ୍ରାର୍ଥୀ ଧୀରେନ୍ଦ୍ର କୁମାର ସେଠୀ ଓ ଏଗାର ଅପ୍ରତିଦ୍ୱନ୍ଦ୍ୱୀ ୱାର୍ଡ ସଭ୍ୟ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ। ଘୋଡାପଲାଣ ପଞ୍ଚାୟତ ପୂର୍ବରୁ ବିଜେଡିର ଗଡ ଭାବେ ପରିଚିତ ରହି ଆସିଛି। ଏହି ଧାରାକୁ ବଜାୟ ରଖିଥିବାରୁ ପଞ୍ଚାୟତବାସୀଙ୍କୁ ବିଧାୟକ ଧନ୍ୟବାଦ ଜଣାଇ ଥିଲେ।

## କିଆଝରରେ ଧାନମଣ୍ଡି ଉଦ୍‌ଘାଟିତ

**ଖଣ୍ଡପଡ଼ା,୨୪ା୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡା ଗ୍ରାମସ୍ଥିତ କିଆଝର ସେବା ସମବାୟ ସମିତି ପରିସରରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସେବା ସମବାୟ ସମିତିର ସମ୍ପାଦକ ଗୋପୀନାଥ ଆଚାର୍ଯ୍ୟ ଓ ସ୍ଥାନୀୟ ଅଞ୍ଚଳର ସର୍ଦ୍ଦାର ଇଣ୍ଡଷ୍ଟ୍ରିଜ୍‌ର ଅଧିକାରୀ ସୁନୀଲ କୁମାର ପାତ୍ର ମଣ୍ଡିରେ ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ସହ ଆଲୋଚନା କରିଥିଲେ।

## କ୍ରିକେଟ୍: ନୂଆଗାଁ ଦଳ ବିଜୟୀ

**ନୂଆଗାଁ, ୨୪ା୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କଲେଜ ନିକଟ ପଡ଼ିଆରେ ଫ୍ରେଣ୍ଡ୍‌ସ ଇଲେଭେନ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ୍ ମ୍ୟାଚ୍‌ର ଦ୍ୱିତୀୟ ଦିବସ ମ୍ୟାଚ୍ ନୂଆଗାଁ ଟିମ୍ ଓ ଖମାରସାହି ଟିମ୍ ମଧ୍ୟରେ ହୋଇଥିଲା। ନୂଆଗାଁ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୩୫ ରନ୍ ସଂଗ୍ରହ କରି ଅଲ୍‌ଆଉଟ ହୋଇଯାଇଥିଲା। ଖମାରସାହି ଟିମ୍ ୨୦ ଓଭରରେ ୮ ଉଇକେଟ ହରାଇବା ସହ ୧୧୦ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା। ନୂଆଗାଁ ସରପଞ୍ଚ ଗଜେନ୍ଦ୍ର ନାଥ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଗାଁ ଟିମ୍‌ର ଦିପନ କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଅଶୋକ କୁମାର ନାୟକ, ବନଜିତ ସାହୁ, ମିଲନ କୁମାର ସାହୁଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଉଛି।

# ନୟାଗଡ଼ ଜିଲା ପଞ୍ଚାୟତ ନିର୍ବାଚନ ପରିକ୍ରମା

### ଶିକ୍ଷକ କହିଲେ ଭୋଟ ବର୍ଜନ କରିବେ

**ନୟାଗଡ଼ ଅଫିସ,୨୪ା୧**

ଦଶପଲ୍ଲା ବିଧାୟକ ରମେଶ ବେହେରା ନିଜ ନିର୍ବାଚନମଣ୍ଡଳୀରେ ରବିବାର ହଟହଟା ହେବା ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଜଣେ ଶିକ୍ଷକ ବିଧାୟକଙ୍କୁ ପ୍ରଶ୍ନ କରିଛନ୍ତି ଦୁଇ ଶିକ୍ଷକଙ୍କ ମଧ୍ୟରୁ ଜଣକୁ ବଦଳି କରି ଦେଲେ କିପରି। ମୁଁ ଜଣେ ଚୁକ୍ତି ଭିତ୍ତିକ ଶିକ୍ଷକ ହୋଇ ବି ମୋତେ ବଦଳି କରିଦେଲେ। ସ୍କୁଲ ଚାଲିବ କିପରି। ଆପଣ ଏବେ ନିର୍ବାଚନ ପ୍ରଚାର କରିବାକୁ ଆସିଛନ୍ତି। ପ୍ରଚାର କରନ୍ତୁ। ଆପଣ ବିଧାୟକ ହେଲେ ମଧ୍ୟ ସମସ୍ତଙ୍କର। ବଦଳି କରି କ'ଣ ଭୋଟ ନେଇଯିବେ। ଆମେ ଭୋଟ ବର୍ଜନ କରିବୁ ବୋଲି ଗ୍ରାମବାସୀଙ୍କ ସହ ତାଳ ଦେଇ କହିଥିଲେ। ଶିକ୍ଷକଙ୍କର ଏପରି ଦମ୍ଭୋକ୍ତି କେଉଁ ଦିଗକୁ ଗତି କରୁଛି ଦେଖିବାକୁ ବାକି ରହିଲା।

### ଏସ୍‌ପି ଉତ୍ତେଜନା ପ୍ରବଣ ସ୍ଥାନ ବୁଲିଲେ

ପଞ୍ଚାୟତ ନିର୍ବାଚନ ପାଇଁ ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କଟାରିଆ ଜିଲାର ସଦର ବ୍ଲକର କେନ୍ଦୁଡ଼ିପି, ଆନନ୍ଦପଲ୍ଲୀ, ନୋଉର, ଖଇରପଟି, ଶଙ୍ଖେଇ, ବଉଳସାହିର ଉତ୍ତେଜନା ପ୍ରବଣ ବୁଥ୍ ବୁଲି ଦେଖିଥିଲେ। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ଆଇନଶୃଙ୍ଖଳା ନେଇ କଥା ହୋଇଥିଲେ। ଇଟାମାଟି ଥାନା ଅଧିକାରୀଙ୍କ ସହ ଏ ନେଇ ଆଲୋଚନା ମଧ୍ୟ କରିଥିଲେ।

### ଶିବଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଆଣିଲା ଆଶ୍ୱସ୍ତି

ନୟାଗଡ଼ ବ୍ଲକର ୧୩ ନଂ. ୱାର୍ଡରେ ଶିବ ଶଙ୍କର ମହାନ୍ତିଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପରେ ଭାଜପା ଦଳକୁ ଆଶ୍ୱସ୍ତି ମିଳିଛି। ଏହି ଜୋନରେ ଶିବ ପ୍ରାର୍ଥୀ ହେବା ପାଇଁ ଭାଜପା ପକ୍ଷରୁ କୁହାଯାଇଥିଲା। ଶେଷ ସମୟରେ ନସିର ଅହମ୍ମଦକୁ ଟିକେଟ ମିଳିଥିଲା। ନସିର ଶାସକ ଦଳର ଜିଲା ପରିଷଦ ସଭ୍ୟ ଭାବେ ୨୦୧୭ ନିର୍ବାଚନରେ ବିଜୟୀ ହୋଇଥିଲେ। ଟିକଟ ନ ମିଳିବା ପରେ ନସିର ଭାଜପାରେ ମିଶି ୧୩ ନଂ. ଜୋନରେ ପ୍ରାର୍ଥୀ ହୋଇଥିଲେ। ଶିବଙ୍କ ଟିକେଟ କଟିବା ପରେ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତେବେ ଦଳ ପକ୍ଷରୁ ବୁଝାସୁଝା ପରେ ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଶିବଙ୍କୁ ହାତ କରି ବିଜେଡି ଭାଜପା ପ୍ରାର୍ଥୀଙ୍କୁ ହରାଇବାକୁ ରଣନୀତି ପ୍ରୟୋଗ କରିଥିଲେ ହେଁ ସଫଳତା ମିଳିଲାନାହିଁ ବୋଲି କୁହାଯାଇଛି।